ଆନ୍ତର୍ଜାତୀୟ ଯୁବକଦିବସ ନିଶା ବିରୋଧି ଦିବସ ଢେଙ୍କାନାଳରେ ପାଳିତ

ଢେଙ୍କାନାଳ, ତା- ୨୬/୦୮/୨୦୧୮ - ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଏବଂ ଜିଲ୍ଲା ଯୁବକ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଆଇଟିଆଇ ମାଠରେ ଆନ୍ତର୍ଜାତୀୟ ଯୁବକ ନିଶା ବିରୋଧି ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ଆଇନ୍ ସେବା କର୍ତ୍ତୃପକ୍ଷ ସଚିବ ଶ୍ରୀମତୀ ବିଶ୍ୱାଳୀ ପାଣି ଏହି ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କୁ ସମ୍ବୋଧିତ କରିଥିଲେ ଯେ, ଏବେ ଏଭଳି ସମୟରେ ଆସନ୍ତି ଯୁବପୀଢ଼ି ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି । ମଣିଷ ଏକ ସାମାଜିକ ପ୍ରାଣୀ ହୋଇ ସର୍ବଦା କର୍ତ୍ତବ୍ୟହୀନ ହୋଇପାରନ୍ତି ନାହିଁ । ନିଶା ଅପବ୍ୟବହାର ଏବଂ ଅବୈଧ ଚୋରାଚାଲାଣ ପାଇଁ ହେଉଥିବା ଆଇନ ବିରୋଧରେ ସେ ପ୍ରକାଶ କରିଥିଲେ । ନିଶା ବସ୍ତୁ ହୋଇ ଧୂମ୍ରପାନକାରୀ ଭଳି ଜିନିଷଗୁଡ଼ିକ ଯେ ଅପକାରୀ କରୁଛନ୍ତି, ସେ ବିଷୟରେ ଉଦାହରଣ ମାଧ୍ୟମରେ ସେ ସୂଚନା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଜଜ୍ ଶ୍ରୀ ଜିତେନ୍ଦ୍ର ନାୟକ, ଢେଙ୍କାନାଳ ମାଧ୍ୟମରେ ମୁଖ୍ୟ ବକ୍ତୃତା ଦେଇ ଛାତ୍ର ଛାତ୍ରୀଙ୍କୁ ଭାବ ବିନିମୟ କରିଥିଲେ ଯେ, ଉପଯୁକ୍ତ ସ୍ଥାନରେ ବିଶ୍ୱାସୀ ପ୍ରାଣୀ ହେଉଛି ମଣିଷ, କିନ୍ତୁ ସେ ଏବେ ନିଶାରେ ଫସିଛି । ଏହାକୁ ରୋକିବା ପାଇଁ କେବଳ ସରକାର ଆଇନକୁ କଲେ ହେବ ନାହିଁ, ସଚେତନତା ଦରକାର । ଅର୍ଥାତ ଛାତ୍ରଛାତ୍ରୀ ଏବଂ ବର୍ତ୍ତମାନର ଛାତ୍ରଛାତ୍ରୀ ଏବଂ ଯୁବକ ସମାଜ ଏହାର ଉପରି ବିଷୟରେ ଆଲୋଚନା କରିଥିଲେ ।

ଦିଲ୍ଲୀରେ ଯୁବକ ମିଳନର ବିଭାଗର ଶ୍ରୀ ପ୍ରଦୀପ ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଦିପୁ ରଞ୍ଜନ ଦେଓଜୀ, ଜିଲ୍ଲା ଯୁବକ୍ରୀଡ଼ା ଅଧିକାରୀ ଅପୀଲକ ହରିହରା ଆଦି ପ୍ରମୁଖ ସମ୍ବୋଧିତ ଅତିଥି ଭାବେ ଯୋଗ ଦେଇ ନିଶା ସେବନ ଦ୍ୱାରା ହେଉଥିବା କ୍ଷତି, ଧୂମପାନ ପଡୁଥିବା କୁ-ପ୍ରଭାବ ବିଷୟରେ ମଧ୍ୟ ବକ୍ତୃତା ପ୍ରଦାନ କରିଥିଲେ ଏବଂ ନିଶା ମୁକ୍ତ ସମାଜ ପାଇଁ ଆହ୍ୱାନ ଦେଇଥିଲେ ।

ଶେଷରେ ଢେଙ୍କାନାଳ ସହରର ଝାଡ଼ି ବସ୍ତି ଭୂମି ଠାରୁ ମାହନ୍ତି ହଲ ପର୍ଯ୍ୟନ୍ତ ଏକ ବିରାଟ ସଚେତନତା ପଦଯାତ୍ରାକୁ ଜିଲ୍ଲାପାଳ ଶ୍ରୀ ନିତିନ୍ କୁମାର କଳସୀଆ ସବୁଜ ଝଣ୍ଡା ଦେଖାଇ ଶୁଭାରମ୍ଭ କରିଥିଲେ ।

— x —

ଜାରି ସଂଖ୍ୟା: ୫୩୪ ତା: ୨୬/୦୮/୨୦୧୮

ଏହାର ସର୍ବସାଧାରଣ ଶ୍ରୀମାନଙ୍କ ଜ୍ଞାତାର୍ଥେ ପ୍ରକାଶନାର୍ଥ ଅବଗତି ଓ ପ୍ରଚାରାର୍ଥ ନିମନ୍ତେ ପଠାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଢେଙ୍କାନାଳ

ହେମନ୍ତ କୁମାର ମାଲୁକା
ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ
ଢେଙ୍କାନାଳ
୨୬/୮/୨୦୧୮